ରିପୋର୍ଟ ଯୋଗ୍ୟ

**ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ**

**ଦେୱାନୀ ଆବେଦନ କ୍ଷେତ୍ରାଧିକାର**

**ଦେୱାନୀ ଆବେଦନ ସଂଖ୍ୟା ୪୭୪୭/୨୦୨୨**

ମହାପ୍ରବନ୍ଧକ,ପୂର୍ବତଟ ରେଳପଥ, ରେଳ ସଦନ ଓ ଅନ୍ୟଜଣେ... ଆବେଦନକାରୀ

ବନାମ

ହିନ୍ଦୁସ୍ତାନ କନଷ୍ଟ୍ରକସନ କମ୍ପାନୀ ଲିମିଟେଡ... ଉତ୍ତରଦାତା

**ରାୟ**

**ଏମ. ଆର. ଶାହ, ବିଚାରପତି**

୧. ଓଡିଶା ଉଚ୍ଚ ନ୍ୟାୟାଳୟ, କଟକଙ୍କ ଦ୍ୱାରା ମଧ୍ୟସ୍ଥି ଆବେଦନ ସଂଖ୍ୟା.୧୦/୨୦୨୧ ରେ ଦିଆଯାଇଥିବା ରାୟ ଏବଂ ଆଦେଶରେ ବ୍ୟଥିତ ଓ ଅସନ୍ତୋଷ ବ୍ୟକ୍ତ କରି,ଯେଉଁଥିରେ ଉଚ୍ଚନ୍ୟାୟାଳୟ ମଧ୍ୟସ୍ଥି ଓ ମିଳାମିଶା ଅଧିନିୟମ,୧୯୯୬, ଧାରା ୧୧(୬) ଅଧୀନରେ କ୍ଷମତା ପୟୋଗ କରି (ଏହା ପରଠାରୁ ଅଧିନିୟମ ବୋଲି ଧରାଯିବ) ପକ୍ଷମାନଙ୍କ ମଧ୍ୟରେ ଥିବା ବିବାଦର ବିଚାରାର୍ଥେ ମଧ୍ୟସ୍ଥ ନିଯୁକ୍ତି କରିଥିଲେ, ମୂଳ ସୂଚନାଦାତା ଭାବେ ମହାପ୍ରବନ୍ଧକ,ପୂର୍ବତଟ ରେଳ ପଥ, ରେଳ ସଦନ ଏବଂ ଅନ୍ୟଜଣେ ଏହି ମାମଲା ଦାୟର କରିଛନ୍ତି |

୨. ତେଣୁ ବର୍ତ୍ତମାନର ଆବେଦନରେ ଥିବା ବିବାଦ ଅତ୍ୟନ୍ତ ସଂକୀର୍ଣ୍ଣ ଦିଗ ନିର୍ଦ୍ଧାରଣ କରୁଛି।

୩. ତା ୨୯/୧୧/୨୦୧୮ରିଖରେ ହୋଇଥିବା ଚୁକ୍ତି/ରାଜିନାମା କୁ ନେଇ ଆବେଦନକାରୀ ଏବଂ ପ୍ରତିବାଦୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଉତ୍ତରଦାତା ଯିଏକି ପ୍ରକୃତ ଦାବିଦାର,ସେ ବିଶାଖାପାଟଣାସ୍ଥିତ ବିଦ୍ୱାନ ଅତିରିକ୍ତ ଜିଲ୍ଲା ନ୍ୟାୟାଧୀଶଙ୍କ ସମ୍ମୁଖରେ ମଧ୍ୟସ୍ଥତା ଅଧିନିୟମର ଧାରା ୯ ଅଧୀନରେ କାର୍ଯ୍ୟଧାରା ଆରମ୍ଭ କରିଥିଲେ ଏବଂ ପରଫରମାନ୍ସ ବ୍ୟାଙ୍କ ଗ୍ୟାରେଣ୍ଟିକୁ ନଗଦ କରିବା ଏବଂ ପ୍ରତିଭୂତି ଜମାକୁ ଜବତ କରିବା ବିରୋଧରେ ଅନ୍ତରୀଣ ନିଷେଧାଦେଶ ମାଗିଥିଲେ।ଏହି ଆବେଦନକୁ ବିଦ୍ୱାନ ଅତିରିକ୍ତ ଜିଲ୍ଲା ନ୍ୟାୟାଧୀଶ ୬ ନଭେମ୍ବର, ୨୦୧୯ରେ

ମଞ୍ଜୁର କରି  ସ୍ୱତନ୍ତ୍ର ପରିସ୍ଥିତି ବ୍ୟତୀତ ୬ ମାସ ପାଇଁ  ପ୍ରତିଭୂତି ଜମାରାଶି ଜବତ କରିବାରୁ ରୋକିଥିଲେ।

୪. ଏହାପରେ ପ୍ରତିବାଦୀ ତା୧.୧୨.୨୦୧୯ରିଖ ରେ ଏକ ପତ୍ର ଜରିଆରେ ପାଞ୍ଚଟି ଦାବି ଉପସ୍ଥାପନ କରି ମଧ୍ୟସ୍ଥତା ନ୍ୟାୟାଧୀକରଣ ଗଠନ କରିବା ଲାଗି ଆବେଦନକାରୀଙ୍କୁ ଅନୁରୋଧ କରିଥିଲେ।ଏହା ପ୍ରତୀୟମାନ ହେଉଛି ଯେ ମଧ୍ୟସ୍ଥତା ବୁଝାମଣା ଅନୁଯାୟୀ, ପକ୍ଷମାନଙ୍କ ମଧ୍ୟରେ ବିବାଦର ନ୍ୟାୟ ପ୍ରଦାନ କରିବା ଲାଗି ମଧ୍ୟସ୍ଥତା ପ୍ରକ୍ରିୟା ଆବେଦନକାରୀମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ମଧ୍ୟସ୍ଥ  ଉଭୟ ପକ୍ଷଙ୍କୁ ସେମାନଙ୍କ ଦାବି ଦାଖଲ କରିବା ଲାଗି ନୋଟିସ୍ ଜାରି କରିଥିଲେ। କୋଭିଡ-୧୯ ମହାମାରୀକୁ ଦୃଷ୍ଟିରେ ରଖି ଦାବିପତ୍ର ଦାଖଲ କରିବା ଲାଗି ପ୍ରତିବାଦୀ ତା୦୨.୦୪.୨୦୨୦ରିଖରେ ଏକ ପତ୍ର ଜରିଆରେ ସମୟ ମାଗିଥିଲେ। ମଧ୍ୟସ୍ଥ  ଏହି ପ୍ରକ୍ରିୟାକୁ ତା ୦୩.୦୪.୨୦୨୦ରିଖ  ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ଏହି ଦାବିକୁ ଉପସ୍ଥାପନ କରିବା ପରିବର୍ତ୍ତେ ପ୍ରତିବାଦୀ ତା୦୧.୦୯.୨୦୨୦ରିଖର  ପତ୍ର ଜରିଆରେ ମଧ୍ୟସ୍ଥତା ନ୍ୟାୟାଧୀକରଣଙ୍କ ବୈଧତା ଉପରେ ପ୍ରଶ୍ନ ଉଠାଇଥିଲେ। ଏହାପରେ ପ୍ରତିବାଦୀ ଜଣେ ମଧ୍ୟସ୍ଥି ନିଯୁକ୍ତି ପାଇଁ ଆଇନର ଧାରା୧୧(୬) ଅଧୀନରେ  କଟକ ସ୍ଥିତ  ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରେ  ମଧ୍ୟସ୍ଥତା ଆବେଦନ ସଂଖ୍ୟା ୧୦/୨୦୨୧ ଦାଖଲ କରିଥିଲେ। ଆବେଦନକାରୀମାନେ ମଧ୍ୟସ୍ଥତା ଅଧିନିୟମର ଧାରା ୪୨ ଆଧାରରେ ଏହି ଆବେଦନକୁ ବିରୋଧ କରିଥିଲେ ଏବଂ ଆବେଦନକାରୀଙ୍କ ତରଫରୁ ମଧ୍ୟସ୍ଥତା ଅଧିନିୟମର ଧାରା ୪୨ ଆଧାରରେ, ଆଇନର ଧାରା ୧୧ (୬) ଅନ୍ତର୍ଗତ  ଆବେଦନ ଅମରାବତୀସ୍ଥିତ ଆନ୍ଧ୍ରପ୍ରଦେଶ ଉଚ୍ଚନ୍ୟାୟାଳୟରେ କରାଯିବ ଯେହେତୁ ପୂର୍ବରୁ ପ୍ରତିବାଦୀ ନିଜେ ବିଶାଖାପାଟଣାସ୍ଥିତ ଅଦାଲତରେ ଧାରା ୯ ଦ୍ୱାରା  ଆବେଦନ ଦାଖଲ କରିଥିଲେ। ଆବେଦନକାରୀଙ୍କ ତରଫରୁ ମଧ୍ୟ କୁହାଯାଇଥିଲା ଯେ ପ୍ରତିବାଦୀଙ୍କ ଦ୍ୱାରା ବିଶ୍ୱାସ କରାଯାଇଥିବା ୧୬.୧୧.୨୦୧୬ମସିହାର ପ୍ରକ୍ରିୟା, ନଭେମ୍ବର ୨୦୧୮ମସିହାରେ  ରେଳବାଇ ବୋର୍ଡ ଦ୍ୱାରା ଜାରି ଜିସିସି ଦ୍ୱାରା  ରଦ୍ଦ କରାଯାଇଛି। ଉପରୋକ୍ତ କ୍ଷେତ୍ରାଧିକାର ପ୍ରସଙ୍ଗ ଉଠିବା ସତ୍ତ୍ୱେ ଏବଂ ଆକ୍ଷେପିତ ରାୟ ଓ ଆଦେଶ ଦ୍ୱାରା ଓଡ଼ିଶା ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାରକୁ ସମ୍ବୋଧିତ ନକରି କଟକ ସ୍ଥିତ ଓଡିଶା  ଉଚ୍ଚନ୍ୟାୟାଳୟ ଏକାକୀ ଭାବେ ଅନୁଭବ କରି ମଧ୍ୟସ୍ଥ ନିଯୁକ୍ତି କରିଛନ୍ତି,ପୂର୍ବତଟ ରେଳ ପଥ ନିୟମ ଦୃଷ୍ଟିରୁ ମଧ୍ୟସ୍ଥ ନିଯୁକ୍ତିକୁ ବିରୋଧ ନକରି, ପ୍ରତିବାଦୀଙ୍କୁ (ମୂଳ ଆବେଦନକାରୀ) ଉପଯୁକ୍ତ ଉଚ୍ଚନ୍ୟାୟାଳୟ କୁ  ନ୍ୟସ୍ତ କରି ବିବାଦର ବିଚାରକୁ ଲମ୍ବିତ କରିବା ପାଇଁ ଏକ ସୂକ୍ଷ୍ମ ଆଶା ରଖିଛନ୍ତି |

୫. କଟକ ସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆ ଯାଇଥିବା  ରାୟ ଓ ଆଦେଶକୁ ନେଇ ବ୍ୟଥିତ  ଓ ଅସନ୍ତୋଷ ପ୍ରକାଶ କରି ମୂଳ ଉତ୍ତରଦାତା-ପୂର୍ବତଟ ରେଳବାଇର- ମହା ପ୍ରବନ୍ଧକ ବର୍ତ୍ତମାନର ଆବେଦନ କରିଛନ୍ତି।

୬. ଆମେ ଶ୍ରୀ କେ. ଏମ. ନଟରାଜ, ଆବେଦନକାରୀଙ୍କ ତରଫରୁ ଆସିଥିବା ବିଦ୍ୱାନ ଏଏସଜି ଏବଂ ଶ୍ରୀ ଅମିତ ଦୁବେ, ପ୍ରତିବାଦୀଙ୍କ ତରଫରୁ ଉପସ୍ଥିତ ଥିବା ବିଦ୍ୱାନ ଓକିଲଙ୍କୁ ଶୁଣିଛୁ। ଆମେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ରାୟ ଏବଂ ଆଦେଶକୁ ଯାଞ୍ଚ କରିଛୁ। ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମଧ୍ୟସ୍ଥତା ଅଧିନିୟମର ଧାରା ୧୧ (୬) ଅନ୍ତର୍ଗତ ଆବେଦନର ଗ୍ରହଣଯୋଗ୍ୟତା ଏବଂ/ଅଥବା ପୋଷଣୀୟତା ଉପରେ ଆବେଦନକାରୀ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ଆପତ୍ତି ଉଠାଯାଇଥିଲା। ମଧ୍ୟସ୍ଥତା ଅଧିନିୟମର ଧାରା ୪୨ ଉପରେ ବିଶ୍ୱାସ ରଖାଯାଇଥିଲା ଏବଂ ଆବେଦନକାରୀଙ୍କ ତରଫରୁ ଏହା ଦାଖଲ କରାଯାଇଥିଲା ଯେ ଯେହେତୁ ପ୍ରତିବାଦୀ ଆବେଦନକାରୀ ବିଶାଖାପାଟଣା କୋର୍ଟରେ ମଧ୍ୟସ୍ଥତା ଅଧିନିୟମର ଧାରା ୯ ଅଧୀନରେ ପ୍ରକ୍ରିୟା ଆରମ୍ଭ କରିଥିଲେ, ତେବେ ଅମରାବତୀସ୍ଥିତ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟ ହିଁ ଆଇନର ଧାରା ୧୧ (୬) ଅନ୍ତର୍ଗତ ଆବେଦନକୁ ଗ୍ରହଣ କରିପାରିବେ। ଓଡିଶା ଉଚ୍ଚନ୍ୟାୟାଳୟଙ୍କର କ୍ଷେତ୍ରାଧିକାର ମୂଳରେ ଥିବା ଉକ୍ତ ପ୍ରସଙ୍ଗ କୁ ସ୍ଥିର ନକରି, ଉପରୋକ୍ତ ଉଚ୍ଚନ୍ୟାୟାଳୟ ତାଙ୍କ ଆକ୍ଷେପିତ ଆଦେଶ ଦ୍ୱାରା ଅଧିନିୟମ ଧାରା ୧୧(୬) ଅନ୍ତର୍ଗତ ଆବେଦନକୁ ବିବେଚନା କରିଛନ୍ତି | ଅଧିନିୟମ ଧାରା ୧୧(୬) ଅଧୀନରେ ହୋଇଥିବା  ଆବେଦନକୁ ବିଚାରକୁ ନେଇଛନ୍ତି ଏବଂ ଏକାକୀ ଭାବେ ଅନୁଭବ କରି ମଧ୍ୟସ୍ଥ ନିଯୁକ୍ତି କରିଛନ୍ତି,ପୂର୍ବତଟ ରେଳ ପଥ ନିୟମ ଦୃଷ୍ଟିରୁ ମଧ୍ୟସ୍ଥ ନିଯୁକ୍ତିକୁ ବିରୋଧ ନକରି, ପ୍ରତିବାଦୀଙ୍କୁ (ମୂଳ ଆବେଦନକାରୀ )ଉପଯୁକ୍ତ ଉଚ୍ଚନ୍ୟାୟାଳୟ କୁ  ନ୍ୟସ୍ତ କରି ବିବାଦର ବିଚାରକୁ ଲମ୍ବିତ କରିବା ପାଇଁ ଏକ ସୂକ୍ଷ୍ମ ଆଶା ରଖିଛନ୍ତି | ଆବେଦନକାରୀମାନେ ମଧ୍ୟସ୍ଥଙ୍କ ନିଯୁକ୍ତିକୁ ବିରୋଧ କରିନଥିବେ (ଯଦିଓ ଜଣେ ନୂତନ ମଧ୍ୟସ୍ଥଙ୍କ ନିଯୁକ୍ତିକୁ ମଧ୍ୟ ଆବେଦନକାରୀମାନେ ବିରୋଧ କରିଥିଲେ) ସେମାନଙ୍କ ଦ୍ୱାରା  ଉଚ୍ଚନ୍ୟାୟାଳୟଙ୍କୁ  କ୍ଷେତ୍ରାଧିକାର ପ୍ରଦାନ କରିବେ ନାହିଁ, ଯଦି ଅନ୍ୟଥାରେ, ଉଚ୍ଚନ୍ୟାୟାଳୟଙ୍କର କୌଣସି କ୍ଷେତ୍ରାଧିକାର ନଥିଲା |

୭.  ମଧ୍ୟସ୍ଥତା ଓ ବୁଝାମଣା ଅଧିନିୟମ, ୧୯୯୬ର ଧାରା ୪୨ ଉପରେ ଅତ୍ୟଧିକ ନିର୍ଭରଶୀଳ ଯାହାକୁ ଏହିପରି ଭାବେ ପଢାଯାଏ :

> "୪୨.କ୍ଷେତ୍ରାଧିକାର | - ଏହି ଭାଗରେ କୌଣସି ସ୍ଥାନରେ ଅଥବା ସ୍ୱଳ୍ପ ସମୟ ପାଇଁ ପ୍ରଚଳିତ ଅନ୍ୟ କୌଣସି ଆଇନରେ ଯାହା କିଛି ଥିବା ସତ୍ତ୍ୱେ, ଯେଉଁଠାରେ କୌଣସି ମଧ୍ୟସ୍ଥତା ଚୁକ୍ତି ସମ୍ବନ୍ଧରେ କୌଣସି ନ୍ୟାୟାଳୟରେ ଏହି ଭାଗ ଅଧୀନରେ କୌଣସି ଆବେଦନ କରାଯାଇଥିବ, ସେହି ନ୍ୟାୟାଳୟକୁ ହିଁ ମଧ୍ୟସ୍ଥତା ପ୍ରକ୍ରିୟାର କ୍ଷେତ୍ରାଧିକାର ରହିବ ଏବଂ ଏଥିରୁ ଉତ୍ପନ୍ନ ସମସ୍ତ ଚୁକ୍ତି ଏବଂ ମଧ୍ୟସ୍ଥତା ପକ୍ରିୟାର ପରବର୍ତ୍ତୀ ଆବେଦନ ଉପରେ ସେହି ନ୍ୟାୟାଳୟରେ ଚାଲିବ, ଅନ୍ୟ କୌଣସି ନ୍ୟାୟାଳୟରେ ନୁହେଁ |"

୭.୧ ଏହା ବିବାଦ ମଧ୍ୟରେ ନାହିଁ ଯେ ଏହି ଆଇନର ଧାରା ୧୧ (୬) ଅଧୀନରେ କଟକ ହାଇକୋର୍ଟରେ ଆବେଦନ ଦାଖଲ କରିବା ପୂର୍ବରୁ, ପ୍ରତିବାଦି-ଦାବିଦାର ମଧ୍ୟସ୍ଥତା ଅଧିନିୟମର ଧାରା ୯ ଅଧୀନରେ ବିଶାଖାପାଟଣା କୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ। ମଧ୍ୟସ୍ଥତା ଅଧିନିୟମ ଧାରା ୪୨ର ବିଷୟ କୁ ଧ୍ୟାନରେ ରଖି କୁହାଯାଇଛିଯେ ପରବର୍ତ୍ତୀ ଆବେଦନ ଯେଉଁ ଗୁଡିକ ଚୁକ୍ତି ରାଜିନାମାରୁ ଆସିଛି ସେଗୁଡିକର ନିଷ୍ପତି ନେବାର କ୍ଷେତ୍ରାଧିକାର କେବଳ ଅମରାବତୀ ସ୍ଥିତ ଆନ୍ଧ୍ରପ୍ରଦେଶ ଉଚ୍ଚନ୍ୟାୟାଳୟଙ୍କର ରହିବ ଏବଂ ପୁନଃ ମଧ୍ୟସ୍ଥତା ପ୍ରକ୍ରିୟା ଅମରାବତୀ ସ୍ଥିତ ଆନ୍ଧ୍ରପ୍ରଦେଶ ଉଚ୍ଚନ୍ୟାୟାଳୟରେ ହିଁ ଚାଲିବ ଏବଂ ଅନ୍ୟ କୌଣସି ନ୍ୟାୟାଳୟରେ ନୁହେଁ | ସେହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି କଟକ ସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏହି ଆଇନର ଧାରା ୧୧ (୬) ଅନୁଯାୟୀ ଆବେଦନକୁ ଗ୍ରହଣ କରିବା ଏବଂ ଏକମାତ୍ର ମଧ୍ୟସ୍ଥ ନିଯୁକ୍ତି କରିବାରେ ଗୁରୁତର ତୃଟି କରିଛନ୍ତି।

୮. ଉପରୋକ୍ତ କାରଣକୁ ଦୃଷ୍ଟିରେ ରଖି ବର୍ତ୍ତମାନର ଆବେଦନ ସଫଳ ହୋଇଛି। ମଧ୍ୟସ୍ଥତା ଆବେଦନ ସଂଖ୍ୟା ୧୦/୨୦୨୧ ରେ କଟକ ସ୍ଥିତ ଓଡିଶା ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆପେକ୍ଷିତ ରାୟ ଏବଂ ଆଦେଶ ଏବଂ ଏକମାତ୍ର ମଧ୍ୟସ୍ଥତାଙ୍କ ନିଯୁକ୍ତିକୁ ଏତଦ୍ଦ୍ୱାରା ରଦ୍ଦ ଏବଂ ଅଗ୍ରାହ୍ୟ କରାଗଲା ଯେ ଅଧିନିୟମ ଧାରା ୯ ଅଧୀନରେ ପ୍ରତିବାଦି -ଦାବିଦାର ପୂର୍ବରୁ ବିଶାଖାପାଟଣା ନ୍ୟାୟାଳୟରେ ମଧ୍ୟସ୍ଥତା ପ୍ରକ୍ରିୟା ଆରମ୍ଭ କରିଥିବା ସତ୍ତ୍ୱେ କଟକ ସ୍ଥିତ ଓଡିଶା ଉଚ୍ଚନ୍ୟାୟାଳୟଙ୍କର କୌଣସି କ୍ଷେତ୍ରାଧିକାର ନଥାଇ ଅଧିନିୟମ ଧାରା ୧୧(୬) ଅଧୀନରେ ହୋଇଥିବା ଚୁକ୍ତି ରାଜିନାମା ଆବେଦନକୁ ଗ୍ରହଣ କରିଛନ୍ତି |ତଦନୁସାରେ ବର୍ତ୍ତମାନର ଆବେଦନକୁ ଅନୁମତି ପ୍ରଦାନ କରାଗଲା । ତେବେ ଏହା ଅନୁଭବ କରାଯାଇଛି ଯେ, ଆଇନର ଧାରା ୧୧ (୬) ଅଧୀନରେ କ୍ଷମତା ସମ୍ପନ୍ନ ଉଚ୍ଚନ୍ୟାୟାଳୟ ଅର୍ଥାତ ଅମରାବତୀସ୍ଥିତ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟରେ ଆବେଦନକାରୀ ଆବେଦନ କରିବା ପାଇଁ ସ୍ୱତନ୍ତ୍ର ଅଟନ୍ତି

ଏବଂ ଯଦି ଆଜି ଠାରୁ ଚାରି ସପ୍ତାହ ମଧ୍ୟରେ ଅମରାବତୀସ୍ଥିତ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟରେ ଏପରି ଆବେଦନ କରାଯାଇଥାଏ ତେବେ ଆଇନ ଅନୁଯାୟୀ ଏବଂ ଏହାର ଗୁଣବତ୍ତା ଆଧାରରେ ଯଥାଶୀଘ୍ର ସମ୍ଭବ ଏହାର ବିଚାର କରାଯିବ।

ବର୍ତ୍ତମାନର ଆବେଦନକୁ ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି। ତେବେ ମାମଲାର ତଥ୍ୟ ଏବଂ ପରିସ୍ଥିତି ଅନୁସାରେ ବ୍ୟୟ ବାବଦରେ କୌଣସି ଆଦେଶ ରହିବ ନାହିଁ।

**ଏମ.ଆର.ଶାହ (ବିଚାରପତି)**

**ବି. ଭି . ନାଗରତ୍ନ (ବିଚାରପତି)**

ନୂଆ ଦିଲ୍ଲୀ,
ଜୁଲାଇ ୨୨, ୨୦୨୨

**ଅସ୍ୱୀକାର ପତ୍ର**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

TRANSLATED BY:
*Shri Jatadhari Sethi*
*Translator, High Court of Orissa, Cuttack.*